# Akashvani, Sambalpur

## SAMBALPURI NEWS BULLETIN

### 1 October 2023- 6.47- 6.52 am.

*************************************************

ପ୍ରଧାନ୍‌ମନ୍ତ୍ରୀ ଶ୍ରମଦାନ ଅଭିଯାନ୍        ଆର୍‌ଏନ୍‌ୟୁ କଟକ୍

ସ୍ୱଚ୍ଛ ଭାରତ୍ ଅଭିଯାନ୍‌ର ଶ୍ରମଦାନ୍ ଅଭିଯାନ୍‌ଥି ନାଗରିକମାନେ ସାମିଲ୍ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନୁରୋଧ୍ କରିଛନ୍ । ସହରାଂଚଲ୍ ସ୍ୱଚ୍ଛ ଭାରତ୍ ଅଭିଯାନ୍‌ଥି ଆଏଜ୍ ସଖାଲର୍ ୧୦ ବଜେନୁ ୧୧ ବଜେତକ୍ ଘଂଟେ ଲାଗି ଶ୍ରମଦାନ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ସ୍ୱଚ୍ଛ ଭବିଷ୍ୟତ୍‌ର ଇ ମହାନ୍ ପ୍ରୟାସ୍‌ଥି ସାମିଲ୍ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

କେନ୍ଦ୍ର ଗୃହ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରୀ ହର୍‌ଦୀପ୍ ସିଂ ପୁରୀଙ୍କର୍ ସୂଚ୍‌ନା ଅନ୍‌ସାରେ ଶ୍ରମଦାନ୍ ଲାଗି ଦେଶର୍ ୬ ଲାଖ୍ ୪୦ ହଜାର ଜାଗା ଚିହ୍ନଟ୍ କରାଯାଇଛେ । ସେ କହିଛନ୍ ଯେ, ଇ କାର୍ଯ୍ୟକ୍ରମ୍‌ଥି ୩୫ ହଜାର୍ ଅଙ୍ଗନବାଡ଼ି କେନ୍ଦ୍ର ସହେତେ

ସେନାବାହିନୀର୍ ଅଧିକାରୀ ଆଉ ସାଧାରଣ ନାଗରିକ୍ ସାମିଲ୍ ହେବେ ।

ଲାଙ୍ଗୁଏଜ୍ ଲେବ୍- ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଜନଜାତି ଭାଷା, ସାହିତ୍ୟ ଆର୍ ସଂସ୍କୃତିର୍ ଉନ୍ନତିର୍ ଲାଗି ଫି ଜିଲ୍ଲା ନ ଲାଙ୍ଗୁଏଜ୍ ଲେବ୍ ପ୍ରତିଷ୍ଠା କରାଯିବା ବଲି ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଶାନ୍ତାଳି -ଓଡ଼ିଆ- ଇଂରାଜୀ ଶବ୍ଦକୋଷକେ ଲୋକାର୍ପଣ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଜନଜାତି ଭାଷାଥି ସାର୍ଟିଫିକେଟ୍ କୋର୍ସ ପ୍ରଦାନ୍ କରାଯିବା । ସେମାନ୍‌କର୍ ଭାଷା, ସାହିତ୍ୟ ସଂସ୍କୃତିକେ ଅନ୍‌ଲାଇନ୍ ସହେତେ ଜୁଡ଼ାଯିବା । ଲାଙ୍ଗୁଏଜ୍ ଲେବ୍ ପ୍ରତିଷ୍ଠା ହେବାର୍‌ନୁ ଜନଜାତି ସଂସ୍କୃତି ଉପ୍‌ରେ ଅଏତ୍‌କା ଗବେଷଣା ସୁଯୋଗ୍ ସୃଷ୍ଟି ହେବା । ଇ ଅବ୍‌ସରେ ସଉରା, କୁଇ, ଗୋଣ୍ଡି ଆଉ ମୁଣ୍ଡା ଭାଷାଥି ପ୍ରାଥମିକ ଶିକ୍ଷା ଲାଗି ୨୧ ଟା ଅତିରିକ୍ତ ପାଠ୍ୟପୁସ୍ତକକେ ଭିଲ୍ ମୁଖ୍ୟମନ୍ତ୍ରୀ ଉନ୍ମୋଚନ୍ କରିଥିଲେ ।

ବିଧାନ୍‌ସଭା- ବିଲ୍ ପାସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟ ବିଧାନ୍‌ସଭା ନ ଗଲାକାଏଲ୍ ୪୦ ଟା ବିଭାଗ୍‌ର ଅତିରିକ୍ତ ଖର୍ଚ୍ଚ ଦାବି ଗିଲୋଟିନ୍ ଜରିଏ ଗୃହିତ ହେଇଛେ । ଇତାର୍‌ଆଗ୍‌ରୁ ସ୍ୱରାଷ୍ଟ୍ର ବିଭାଗ୍, ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍, ବିଦ୍ୟାଳୟ ଆଉ ଗଣଶିକ୍ଷା ଆଉ ପଂଚାୟତ୍‌ରାଜ୍ ଆର୍ ପାନୀୟ ଜଳ ବିଭାଗ୍‌ର ଅତିରିକ୍ତ ଖର୍ଚ୍ଚ ଦାବି ଉପ୍‌ରେ ଆଲୋଚନା ହେଇକରି ପାରିତ୍ ହେଇଥିଲା । ଭଲ୍ ଗୁଣମାନ୍‌ର ସ୍କୁଲ୍ ଶିକ୍ଷା ସର୍‌କାର୍‌ଙ୍କର୍ ପ୍ରାଥମିକତା ଆଏ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ସୁଦାମ୍ ମାର୍ଣ୍ଡି କହିଛନ୍ । ୨୦୧୭ଥି ମୁଖ୍ୟମନ୍ତ୍ରୀ 'ମୋ ସ୍କୁଲ୍ ଅଭିଯାନ୍' ମୁଲ୍ କରିଥିଲେ । ଇଥି ଇହାଦେତକ୍ ୩୦ ଲାଖ୍ ନୁ ଅଏତ୍‌କା ଆଘର୍ ଛାତ୍ରଛାତ୍ରୀ ସାମିଲ୍ ହେଇଛନ୍ । ୫୦ ହଜାର୍ ୩ ଶହ ୨୫ ଟା ସ୍କୁଲ୍ ଇ କାର୍ଯ୍ୟକ୍ରମ୍ ସାମିଲ୍ ହେବାର୍‌ଥି ସକ୍ଷମ୍ ହେଇଛେ ।

ନୂଆଁ ଅଙ୍ଗନବାଡ଼ି କେନ୍ଦ୍ର ପ୍ରସ୍ତାବ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ୨ ହଜାର୍ ୮ ୪୨ ଟା ନୂଆଁ ଅଙ୍ଗନବାଡ଼ି କେନ୍ଦ୍ର ଆର୍ ୩ ହଜାର୍ ଶହେ ୩୯ ଟା ନୂଆଁ ମିନି ଅଙ୍ଗନବାଡ଼ି କେନ୍ଦ୍ର ଖୁଲ୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ଅନୁମୋଦନ୍ ଲାଗି ପ୍ରସ୍ତାବ୍ ଦିଆଯାଇଛେ ବଲି ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ । ବିଧାୟକ୍ ଭୂପିନ୍ଦର୍ ସିଂଙ୍କର୍ ଗୁଟେ ଲିଖିତ୍

ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ କହିଛନ୍ ଯେ, ରାଏଜେ ୫୧ ହଜାର୍ ୮୫ ଟା ଅଙ୍ଗନବାଡ଼ି କେନ୍ଦ୍ର ନିଜର୍ ଘରେ ଚାଲୁଛେ ଆଉ ୪ ହଜାର୍ ୪ ଶହ ୩୬ ଟା ଅଙ୍ଗନବାଡ଼ି କେନ୍ଦ୍ର ଭଡ଼ା ଘରେ କାମ୍ କରୁଛେ । ଭଡ଼ା ଘରେ ଚାଲୁଥିବାର୍ ଅଙ୍ଗନବାଡ଼ି କେନ୍ଦ୍ର ମାନ୍‌କୁ ସ୍କୁଲ୍ ମାନ୍‌କୁ ନେବାର୍ ଲାଗି ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ୍ । ଲୋକ୍‌ମାନେ ନିଜର୍ ଆଡୁ ରକ୍ତ ଦେଇକରି ଅଲ୍‌ଗାମାନ୍‌କର୍ ଚିକିତ୍ସା ଲାଗି ଯେନ୍ ବହୁମୂଲ୍ୟ ଅବଦାନ୍ ଦେସନ୍ ସେ ବାବ୍‌ଦେ ସଚେତନ୍ କର୍‌ବାର୍ ଇ ଦିବସ୍‌ର ମୁଲ୍ ଲକ୍ଷ୍ୟ ଆଏ । ୧୮ ନୁ ୬୫ ବଛର୍ ବୟସର୍ ୪୫ କେଜି ନୁ ଅଏତ୍‌କା ଉଜନ୍‌ରେ ଲୋକ୍ ରକ୍ତଦାନ୍ କରିପାର୍‌ବେ । ଇ ବଛ୍‌ରର୍ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ୍‌ର ବାର୍ତା ହେଉଛେ 'ରକ୍ତଦାନ୍ କର, ପ୍ଲାଜ୍‌ମା ଦିଅ, ଜୀବନ୍ ବଁଚ ଆଉ ସବୁବେଲେ ଜୀବନ୍ ବଁଚ' । ରକ୍ତଦାନ୍ କରିକରି ଜୀବନ୍ ବଁଚାବାର୍‌ନୁ ଅଏତ୍‌କା ପୂଣ୍ୟ କାମ୍ କିଛି ନାଇଁନ । ରାଏଜେ ରକ୍ତର୍ ଆବଶ୍ୟକତା ପୂରଣ୍ କର୍‌ବାର୍ ଲାଗି ସେଚ୍ଛାକୃତ ରକ୍ତଦାନ୍ କାର୍ଯ୍ୟକ୍ରମ୍ ଆହୁରି ଫଏଲାବାର୍‌କେ

ହେବା । ଇଥିର୍‌ଲାଗି ସଭେ ସଚେତନ୍ ହେବାର୍‌କେ ପଡ଼୍‌ବା ବଲି ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ କହିଛନ୍ ।

ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ୍     ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ । ୧୯୯୧ ମସିହାନୁ ମିଲିତ୍ ଜାତିସଂଘ ତର୍‌ଫୁ ବରିଷ୍ଠ ନାଗରିକମାନ୍‌କର୍ ସମସ୍ୟା ଆର୍ ତାର୍ ପ୍ରତିକାର ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଇ ଉଲ୍‌ଗୁନେ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଉ କିଛି ସମିଆ ଉତ୍‌ରୁ ନେଲ୍‌ସନ୍ ମଣ୍ଡେଲା ଛକ୍ ଠାନୁ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍‌ତକ୍ ଗୁଟେ ପଦଯାତ୍ରା କରାଯିବା ।

ଏନ୍‌ସିସି ପ୍ରଶିକ୍ଷଣ୍ ଝାର୍‌ସୁଗୁଡ଼ା     ଝାର୍‌ସୁଗୁଡ଼ା

ଝାର୍‌ସୁଗୁଡ଼ା ଷ୍ଟାଡ଼ିୟମ୍ ଠାନେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏନ୍‌ସିସି ଏୟାର୍ ସ୍କ୍ୱାର୍ଡ଼ନ୍ ତାଲିମ୍ କାର୍ଯ୍ୟକ୍ରମ୍‌ଥି ଗଲାକାଏଲ୍ କେଡ଼େଟ୍‌ମାନେ ମାଇକ୍ରୋ ଲାଇଟ୍ ସିମ୍ୟୁଲେଟର୍ ଉଡ଼ାନ୍ ବାବ୍‌ଦେ ସୂଚ୍‌ନା ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମ୍‌ଥି ପୁନିତ୍

ସାଗର୍ ଅଭିଯାନ୍ ଜରିଏ ଜିଲ୍ଲାର୍ ଇବ୍ ନଦୀ ଖଁଡ଼ି ତାଲ୍‌ପଟିଆ ନ ସଫେଇ ଅଭିଯାନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟର୍ ଉତର୍ ଆଉ ଭିତ୍‌ରିଆ ଇଲାକା ନ ଆଏବା ୫ ତାରିଖ୍‌ତକ୍ ବର୍ଷା ଲାଗି ରହେବା ବଲି ଅନୁମାନ୍ କରାଯାଉଛେ । ଆଏଜ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ବର୍‌ଗଡ୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍, ବଲାଙ୍ଗିର୍ ଆଉ ଅନୁଗୁଲ୍ ଜିଲ୍ଲାର୍ କେତେଟା ଜାଗା ନ ଅତିପ୍ରବଲ୍ ବର୍ଷା ହେବା । ଆଏବା କାଏଲ୍ ଆଉ ମଙ୍ଗଲ୍‌ବାର୍ ଦିନ ଭିଲ୍ ଇ ଜିଲ୍ଲାମାନ୍‌କେ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।